# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**5 April - 2025**

**********************************

## ନୂଆପଡା ଲୋକ ମହୋତ୍ସବ

ନୂଆପଡା ଜିଲ୍ଲାସ୍ତରୀୟ ଲୋକମହୋତ୍ସବ ୨୦୨୫ ଚତୁର୍ଥ ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେଇ ମାରାଗୁଡ଼ା ଲୋକ ମହୋତ୍ସବ କଳା, ସଂସ୍କୃତି ଓ ବାଣିଜ୍ୟର ବାର୍ତ୍ତାବହ ବୋଲି କହିଥିଲେ । ଏହି ଅବସରରେ ଜିଲ୍ଲାର ଭିତ୍ତିଭୂମି ବିକାଶ ସମ୍ପର୍କିତ ୩୭ଟି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଏବଂ ୨୩ଟି ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଥିଲେ । ସୂଚନା ଅନୁସାରେ ଏହି ପ୍ରକଳ୍ପ ବାବଦକୁ ରାଜ୍ୟ ସରକାର ୩୨୨କୋଟି ଟଙ୍କା ଖର୍ଚ୍ଚ କରିବେ । ଜିଲ୍ଲାବାସୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୦ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନ ହାସଲ କରିଛି । ନୂଆପଡା ଜିଲ୍ଲା ଏକ ସମ୍ଭାବନା ଜିଲ୍ଲା ଅଟେ । ମୁଖ୍ୟମନ୍ତ୍ରୀଙ୍କ ସମେତ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ନୂଆପଡା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ ଉପସ୍ଥିତ ଥିଲେ ।

## ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟ ସରକାର ଚଳିତମାସ ୧୧ତାରିଖ ଦିନ ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ

ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରିବେ। ଏଥିସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ଶୁଭାରମ୍ଭ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ। ଯାହାକି ରାଜ୍ୟର ୩ କୋଟି ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଦୁଇ ସ୍ୱାସ୍ଥ୍ୟ ଯୋଜନାରୁ ଲାଭ ପାଇବେ।

# ଓଡ଼ିଆ ପକ୍ଷ ପାଳନ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ୨୦୨୫ର ପଞ୍ଚମ ଦିନ ପାଳନ ପରିପ୍ରେକ୍ଷୀରେ ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭୁବନେଶ୍ୱରର ଖଣ୍ଡଗିରିଠାରେ ଆଜି ସକାଳ ୫ଟା ୩୦ମିନିଟ୍‌ରେ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ ।

# ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଆସନ୍ତା ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱରରେ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କ ସମ୍ବାଦପତ୍ର ମାଧ୍ୟମରେ ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ସେବକ ପ୍ରଶିକ୍ଷଣ ଶିବିର

ପୁରୀ ଶ୍ରୀମନ୍ଦିର ପକ୍ଷରୁ ଦୁଇଦିନିଆ ସେବକ ପ୍ରଶିକ୍ଷଣ ଶିବିର ତଥା ଆଲୋଚନାଚକ୍ର ନୀଳାଦ୍ରି ଭକ୍ତନିବାସଠାରେ ଆରମ୍ଭ ହୋଇଛି । ସେବକମାନଙ୍କ ଉତ୍ତମ ବ୍ୟବହାର, କାର୍ଯ୍ୟ ସମେତ ୧୦ଟି ଦିଗ ଉପରେ ବୈଠକରେ ଆଲୋଚନା ଚାଲିଛି । ଶିବିରର ଦ୍ୱିତୀୟ ଦିନରେ ଆଜି ଶୃଙ୍ଖଳିତ ଦର୍ଶନରେ ସେବକଙ୍କ ଭୂମିକା, ଉତ୍ତମ ଯାତ୍ରୀ ପରିଚୟ, ପ୍ରଶାସନ ଓ ସେବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଆଦି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଥିଲେ ।

**V/o-**

# ମିଶନ କର୍ମଯୋଗୀ କାର୍ଯ୍ୟକାରୀ

ରାଜ୍ୟ ସରକାର କର୍ମଚାରୀ ଓ ଅଧିକାରୀ ମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ମିଶନ କର୍ମଯୋଗୀ କାର୍ଯ୍ୟକାରୀ କରିଛନ୍ତି । ଆଇଜିଓଟି ପୋର୍ଟାଲରେ ୪ଲକ୍ଷ ୧୬ହଜାରରୁ ଅଧିକ କର୍ମଚାରୀ ପଞ୍ଜିକରଣ କରିଛନ୍ତି । ଏହି ବ୍ୟବସ୍ଥାରେ ଅତିକମ୍‌ରେ ଜଣେ କର୍ମଚାରୀଙ୍କୁ ୨୦ଘଣ୍ଟାର ପ୍ରଶିକ୍ଷଣ ଦିଆଯିବ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗତକାଲି ହୋଇଥିବା ସଚିବସ୍ତରୀୟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ସହିତ ଲୋକମାନଙ୍କୁ କିପରି ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରାଯାଇପାରିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# ଓଡ଼ିଶା ପକ୍ଷ ପାଳନ

ଢ଼େଙ୍କାନାଳ ଜିଲ୍ଲା ଶ୍ରମବିଭାଗ ତରଫରୁ ଓଡ଼ିଶା ପକ୍ଷ ପାଳନ ଅବସରରେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆ ନାମଫଳକ ଲଗାଇବା ପାଇଁ ଏକ ସଚେତନତା ରଥ ଓ ପଦଯାତ୍ରା ବାହାରି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା । ଓଡ଼ିଆରେ ନାମଫଳକ ଲଗାଇବା ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ସେହିଭଳି କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଏକ ସଚେତନତା ରଥ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଶୁଭାରମ୍ଭ କରିଥିଲେ ।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ମଧ୍ଯ ପୂର୍ବାନୁମାନ କରାଯାଇଛି। ରାଜ୍ୟର ୨୧ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଘଡଘଡି ସହ ମଧ୍ୟମ ଧରଣର ବର୍ଷା  ଏବଂ ପବନର ବେଗ ୪୦ ରୁ ୫୦ କିଲୋମିଟର ବହିବାର ସମ୍ଭାବନା ରହିଛି। କାଳବୈଶାଖୀ ଯୋଗୁଁ ରାଜ୍ୟର ପାରଳାଖେମୁଣ୍ଡିକୁ ଛାଡିଦେଲେ ସବୁ ସ୍ଥାନର ତାପମାତ୍ରା ଗତକାଲି ୩୭ ଡିଗ୍ରୀରୁ କମ୍ ଥିଲା ।